## ସଂକ୍ଷେପରେ

**ସର୍ବଭାରତୀୟ ହୃଦ୍‌ଘାତ ଚିହ୍ନଟ ପ୍ରଶିକ୍ଷଣ**

### ଓଡ଼ିଶାରୁ ଏକମାତ୍ର ଡାକ୍ତରୀ ଛାତ୍ରୀ ସୌମ୍ୟା ମିଶ୍ର

**ଢେଙ୍କାନାଳ ଅଫିସ, ୯।୪:** ବାଙ୍ଗାଲୋରରେ ହେବାକୁ ଥିବା ସର୍ବଭାରତୀୟ ତ୍ୱରିତ ହୃଦ୍‌ଘାତ ଚିହ୍ନଟ ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ଏକମାତ୍ର ଡାକ୍ତରୀ ଛାତ୍ରୀ ଭାବେ ଢେଙ୍କାନାଳର ସୌମ୍ୟା ମିଶ୍ର ମନୋନୀତ ହୋଇଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଶେଷବର୍ଷ ଛାତ୍ରୀ ହେଉଛନ୍ତି ସୌମ୍ୟା। ପ୍ରଶିକ୍ଷଣ ପାଇଁ ସର୍ବଭାରତୀୟସ୍ତରରେ ଚୟନ ହୋଇଥିବା



୩୧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେ ରହିଛନ୍ତି। ଢେଙ୍କାନାଳ ଅମଲାପଡ଼ାରେ ରହୁଥିବା ଶିକ୍ଷାବିତ୍ ସୁକାନ୍ତ ମିଶ୍ରଙ୍କ ଏକମାତ୍ର କନ୍ୟା ହେଉଛନ୍ତି ସୌମ୍ୟା। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ସେ ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଢେଙ୍କାନାଳ ମଣ୍ଟଫର୍ଟ ବିଦ୍ୟାଳୟରୁ ଦଶମ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲରୁ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସେ ନିଟ୍ ପରୀକ୍ଷାରେ ସଫଳ ହୋଇ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ସୌମ୍ୟାଙ୍କ ଏହି କୃତିତ୍ୱରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଗାଡ଼ି ଧକ୍କାରେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଗୁରୁତର

**ଭୁବନ, ୯।୪(ଡି.ଏନ୍.ଏ.):** ଭୁବନ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବାଲିଝାଟି ଛକ ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ଏକ ଗାଡ଼ି ଧକ୍କାରେ ଜଣେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ବାମଗୋଡ଼ ଏବଂ ହାତ ଭାଙ୍ଗିଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁତର ବ୍ୟକ୍ତି ଜଣକ କାମାକ୍ଷାନଗର ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି।



# ହାତୀପଲ ଉଜାଡ଼ିଲେ ଚାଷ





ହାତୀପଲ ନଷ୍ଟ କରିଥିବା ଧାନ ଓ ଭେଣ୍ଡି ଚାଷ।

**ମାଧପୁର, ୯।୪**

■ଗାଁମୁହାଁ ୧୨ ହାତୀ
■ଚିନ୍ତାରେ ଚାଷୀକୁଳ

ଜଙ୍ଗଲ ଛାଡ଼ି ଜନବସତିରେ ଉପଦ୍ରବ କରୁଛନ୍ତି ହାତୀ। ଏକର ଏକର ଜମିରେ ଡାଲୁଅ ଧାନ ଫସଲ ଉଜାଡ଼ି ଦେଉଛନ୍ତି। ଯେତିକି ଖାଉନାହାନ୍ତି, ତା'ଠାରୁ ଅଧିକ ଦଳିଚକଟି ନଷ୍ଟ କରିପକାଉଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳରେ ଏକ ପଲରେ ୧୨ ଜଙ୍ଗଲୀ ହାତୀ ଗାଁମୁହାଁ ହୋଇଥିବାବେଳେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ମାଧପୁର ପଞ୍ଚାୟତ ତିତିରିକଟା ଅଞ୍ଚଳକୁ ଶନିବାର ବିଳମ୍ବିତ ରାତିରେ ଏକ ପଲରେ ୧୨ ହାତୀ ପଶି ଆସିଛନ୍ତି। ଅଞ୍ଚଳର ଚାଷୀ ବହୁ ଶ୍ରମ କରି ଡାଲୁଅ ଧାନ ଚାଷ କରିଥିବାବେଳେ ହାତୀପଲ ଜମିରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହାକୁ ବାଦ୍‌ଦେଲେ ପିଆଜ, ମାଖନ, ଭେଣ୍ଡିଚାଷ ମଧ୍ୟ ଉଜାଡ଼ି ଦେଇଛନ୍ତି। ଅଞ୍ଚଳରେ ହେଉଥିବା ଦଣ୍ଡଯାତ୍ରା ଦେଖିବା ଲାଗି ଆସୁଥିବା କେତେଜଣ ଲୋକ ହାତୀଙ୍କୁ ଦେଖି ଗ୍ରାମରେ ସୂଚନା ଦେଇଥିଲେ। ତେବେ ରାତି ପାହିବା ବେଳକୁ ଚାଷଜମିର ଚିତ୍ର ବଦଳିଯାଇଥିଲା। ସଂରକ୍ଷିତ ଜଙ୍ଗଲଠାରୁ ଦୂରରେ ଅବସ୍ଥିତ ମାଧପୁର ପଞ୍ଚାୟତ ଅଞ୍ଚଳକୁ ବାରମ୍ବାର ହାତୀପଲ ପ୍ରବେଶ କରିବା ଓ ଫସଲ ନଷ୍ଟ କରିବା ଚାଷୀଙ୍କ ଚିନ୍ତା ବଢ଼ାଇଛି। ସେହିପରି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ବନ ବିଭାଗ ତୁରନ୍ତ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବା, ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଉଚିତ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ କୁହନ୍ତି, ବାରେଣୀ ସଂରକ୍ଷିତ ଜଙ୍ଗଲରୁ ଉକ୍ତ ହାତୀପଲ ଚାଲି ଆସିଛନ୍ତି। ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ ଚାଲିଛି। ସେମାନେ ଏବେ କୁବେର ପାହାଡ଼ମୁହାଁ ହୋଇଛନ୍ତି। ବନ ବିଭାଗ ସେମାନଙ୍କ ଉପରେ ନଜର ରଖିଛି। କ୍ଷତିଗ୍ରସ୍ତ ଚାଷୀ ଅନ୍‌ଲାଇନ୍‌ରେ ଆବେଦନ କଲେ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ସେ ସୂଚନା ଦେଇଛନ୍ତି।

### କ୍ଷେତ ମଜଦୁରଙ୍କ ମଜୁରି ୬୦୦ ଟଙ୍କା ଦାବି

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳ ଷ୍ଟେଶନ ବଜାର ନିକଟ ଶିକ୍ଷକ ଭବନରେ ରବିବାର ଭାରତୀୟ କ୍ଷେତ ମଜଦୁର ୟୁନିୟନର ୭ମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କ୍ଷେତ ମଜଦୁରଙ୍କ ଦୈନିକ ମଜୁରି ୬୦୦ ଟଙ୍କା, ୫୫ ବର୍ଷ ପରେ ୩୦୦୦ ଟଙ୍କା ପେନ୍‌ସନ ପ୍ରଦାନ, ଦୀର୍ଘଦିନ ଧରି ସରକାରୀ ଜମିରେ ରହୁଥିବା ପରିବାରକୁ ପଟ୍ଟା ପ୍ରଦାନ, ବର୍ଷତମାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇଦେବା ଆଦି ଦାବିରେ ଆନ୍ଦୋଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ସଭାପତି ଜମ୍ୱେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ରବିନାରାୟଣ ରଥ, ରବିନାରାୟଣ ମହାଖୁଡ ପ୍ରମୁଖ ଯୋଗଦେଇ କୃଷି ଶ୍ରମିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆସନ୍ତା ୨୯ ଓ ୩୦ ତାରିଖରେ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ୧୦ମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ୧୫ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଜମ୍ୱେଶ୍ୱର ପୃଷ୍ଟି, ଉପସଭାପତି ଜନାର୍ଦ୍ଦନ ନନ୍ଦୀ, ସମ୍ପାଦକ ରବିନାରାୟଣ ରଥ, ସହସମ୍ପାଦକ ପ୍ରଫୁଲ୍ଲ ନାଏକ, କୋଷାଧ୍ୟକ୍ଷ ଶାନ୍ତିପ୍ରିୟା ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ପବିତ୍ର ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମଗ୍ରିକ ବିକାଶକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

**ରାସୋଳ, ୯।୪(ଡି.ଏନ୍.ଏ.)**

**ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚର ବୈଠକ**

ଢେଙ୍କାନାଳ ଜିଲା ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର କଙ୍କାଲୁ ମାତଳେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀନିବାସ ମିଶ୍ର ସଭାପତିତ୍ୱ କରି କହିଲେ, ବରିଷ୍ଠ ନାଗରିକ ମଞ୍ଚ ଏକ ଅଣରାଜନୈତିକ ଅନୁଷ୍ଠାନ। ଅଞ୍ଚଳର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା ଏବଂ ବରିଷ୍ଠ ନାଗରିକଙ୍କ ଅଧିକାର ସୁରକ୍ଷା ଲାଗି ଅନୁଷ୍ଠାନ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ଏହାର ମୂଳ ଲକ୍ଷ୍ୟ। କବି ବିନୟ ସାମଲ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ପାଲାଗାୟକ କୈଳାସ ଚନ୍ଦ୍ର ନାଥ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ଛବିରାଜ ବିଶ୍ୱାଳ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ ଚାଷୀ ଓ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ସଭ୍ୟ ଭାବେ ଗ୍ରହଣ କରିବା ଲାଗି ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ରତିକାନ୍ତ ଗଡ଼ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ମାଝି, ଲଣ୍ଡା ରାଉତ, ଦାଶରଥି ରଥ, ସଦାନନ୍ଦ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ପ୍ରଧାନ, ବ୍ରଜକିଶୋର ମହାପାତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ପାରିକୂଳ ଅଞ୍ଚଳର ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗଦେଇଥିଲେ।

ସେହିପରି ଶନିବାର ବାବନ୍ଧଠାରେ ଅନୁରୂପ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ପ୍ରଧାନ, ଉପଦେଷ୍ଟା ଡ. ଚୈତନ୍ୟ ସାହୁ, ସାମାଜିକ କର୍ମୀ ରତିକାନ୍ତ ଗଡ଼ନାୟକ, ବରିଷ୍ଠ ସଙ୍ଗଠକ ତୁଷାରକାନ୍ତ ମିଶ୍ର, ରୋହିତ କରଣ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚକୁ ସୁଦୃଢ଼ କରିବା ଏବଂ ସାମଗ୍ରିକ ବିକାଶ ଲାଗି ସାମୂହିକ ଉଦ୍ୟମ କରିବାକୁ ମତ ପ୍ରକାଶ ପାଇଥିଲା। ସଙ୍ଗଠକ ବିନୟ ସାମଲ, ମନ୍ଦରଧର ସାମଲ, ଦୁଷ୍ମନ୍ତ ଗଡ଼ନାୟକ, ଅନନ୍ତ ବିଶାଳ, ଗୁରୁ ଚରଣ ସାମଲ, ସୁକାନ୍ତ ମାଝିଙ୍କ ସମେତ କୁରୁଣିଆ, ବମ୍ପା, ବାବନ୍ଧ ପଞ୍ଚାୟତର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

### ଘଣ୍ଟ, ମାଦଳରେ କମ୍ପିଲା ପରିବେଶ

**ଢେଙ୍କାନାଳ ଅଫିସ, ୯।୪**

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ଭାଗୀରଥି ସାଗର ନିକଟ ମା' ସିଦ୍ଧ ବାସେଳୀଙ୍କ ପୀଠରେ ଚୈତ୍ର ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭୋର ୪ଟାରୁ ଚନ୍ଦ୍ରଶେଖରଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବା ପରେ ପୂଜାର୍ଚ୍ଚନା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। କୈବର୍ତ୍ତ ଜାତିର ପାରମ୍ପରିକ ଘୋଡ଼ାନାଚକୁ ମଦନ ମୋହନ ବେହେରା, ହଳଧର ମହାଳିକ ପ୍ରଦର୍ଶନ କରିଥିଲେ। ମା'ଙ୍କ ଚଳନ୍ତି ପ୍ରତିମାକୁ ସହର ପରିକ୍ରମା କରାଯାଇଥିଲା। ଘଣ୍ଟବାଦ୍ୟ, ମାଦଳ ଶବ୍ଦରେ ପରିବେଶ କମ୍ପି ଉଠିଥିଲା। ଜିଲା କୈବର୍ତ୍ତ ମହାସଭା ସଭାପତି ରୁଦ୍ରାନ୍ତ କୁମାର ଦଳେଇ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ଉପସଭାପତି ସନ୍ତୋଷ ମଲ୍ଲିକ, ଦୀପ୍ତିରଞ୍ଜନ ମହାଳିକ, ହଳଧର ମହାଳିକ, କରୁଣାକର ଦଳେଇ, ଉଗ୍ରସେନ ଦଳେଇ, ସମ୍ପାଦକ ଚନ୍ଦନ ମହାଳିକ, ସହ ସମ୍ପାଦକ ମହିର ସାହୁ, କୋଷାଧ୍ୟକ୍ଷ ଟଙ୍କଧର ବେହେରା, ରାଜ୍ୟ କୈବର୍ତ୍ତ ମହାସଂଘ ଉପସଭାପତି ବ୍ରଜକିଶୋର ପରିଡ଼ା, ଚନ୍ଦ୍ରମଣି ବେହେରା, କାହ୍ନୁ ଦଳେଇ, ସୁଶାନ୍ତ ମହାଳିକ, ଟଙ୍କଧର ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଯୋଗଦେଇଥିଲେ।

## ବାହାରକୁ ଲମ୍ୱିଛି ଚେର

**ଢେଙ୍କାନାଳ ଅଫିସ, ୯।୪**



ଗିରଫ ଅଭିଯୁକ୍ତ।

■ଢେଙ୍କାନାଳରେ ସେକ୍ସ ର୍‌ୟାକେଟ୍
■ପୁଣି ଧରାପଡ଼ିଲେ ଶିବାଜୀ
■ଉଦ୍ଧାର ୨ ଯୁବତୀ ସ୍ୱଧାରଗୃହ ଗଲେ

ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଚାଲିଥିଲା ସେକ୍ସ ର୍‌ୟାକେଟ। ବାହାରୁ ଯୁବତୀଙ୍କୁ ଆଣି ଏଭଳି ବେଆଇନ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। କେବଳ ଏତିକି ନୁହେଁ, ଏହାର ମାଷ୍ଟରମାଇଣ୍ଡ ପୂର୍ବରୁ ଧରାପଡ଼ି ଜେଲ୍ ଯାଇଥିଲେ। ଜେଲରୁ ଫେରି ପୁଣି ଚଳାଇଥିଲେ ଏଭଳି ଆପତ୍ତିଜନକ କାର୍ଯ୍ୟ। ଢେଙ୍କାନାଳ ପୌରାଞ୍ଚଳ କାଲଟାକ୍ସ ଅଞ୍ଚଳରୁ ଗତ ଶନିବାର ଟାଉନ୍ ଥାନା ପୋଲିସ ସେକ୍ସ ର୍‌ୟାକେଟ୍ ଠାବ କରିବା ପରେ ଏଭଳି ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଘଟଣାସ୍ଥଳରୁ ଉଦ୍ଧାର ବାଲେଶ୍ୱର ଜିଲାର ୨ ଯୁବତୀଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବାବେଳେ ଅଭିଯୁକ୍ତ ସତ୍ୟପ୍ରିୟ ମହାନ୍ତି ଓରଫ ଶିବାଜୀଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କିଛି ବର୍ଷ ହେଲା ଶିବାଜୀ ଢେଙ୍କାନାଳ ସହରରେ ସେକ୍ସ ର୍‌ୟାକେଟ ଚଳାଇ ଆସୁଥିଲେ। ଦୁଇବର୍ଷ ତଳେ ପୋଲିସ ଦ୍ୱାରା ସେ ଏବଂ ତାଙ୍କ ସ୍ତ୍ରୀ ଧରାପଡ଼ି ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ନିଜ ପୁରୁଣା କାରବାର ପୁନର୍ବାର ଆରମ୍ଭ କରିଥିଲେ। ଶନିବାର ରାତି ପ୍ରାୟ ୧୧ଟା ୪୫ରେ ଟାଉନ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ତାଙ୍କ ଘରେ ଆପତ୍ତିଜନକ କାର୍ଯ୍ୟକଳାପ ଚାଲିଥିବା ସୂଚନା ପାଇ ଚଢ଼ାଉ କରିଥିଲା। ଦୁଇଟି ପ୍ରକୋଷ୍ଠରେ ଦୁଇଜଣ ଯୁବତୀ ଥିବାବେଳେ ଗ୍ରାହକମାନେ ଚମ୍ପଟ ମାରିଥିଲେ। ପୋଲିସ ଶିବାଜୀଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ବହୁ ଆପତ୍ତିଜନକ ସାମଗ୍ରୀ, ଏକ କାର ଜବତ କରାଯାଇଛି। ଏହି ଘଟଣାରେ ଜଣେ ମହିଳା କିଙ୍ଗ୍‌ପିନ୍‌ଙ୍କ ସମେତ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ହାସଲ କରିବାକୁ ତନାଘନା ଜାରିରହିଛି। ଉଦ୍ଧାର ଯୁବତୀଙ୍କ ଡାକ୍ତରୀମାଇନା ପରେ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ନଂ. ୨୨୦/୨୩ରେ ଏକ ମାମଲା ରୁଜୁ କରାଯାଇଛି।

## 'ପାଠପଢ଼ାରେ ପୂର୍ଣ୍ଣ ସ୍ୱାଧୀନତା ଆବଶ୍ୟକ'

**କାମାକ୍ଷାନଗର, ୯।୪(ଡି.ଏନ୍.ଏ.)**

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଘରେ ହେଉ କି ବିଦ୍ୟାଳୟରେ, ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ପାଠ ପଢ଼ିବା ଆବଶ୍ୟକ। ପାଠପଢ଼ାରେ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବା ଦରକାର। ପିଲା ନିଜ ପସନ୍ଦର ବିଷୟ ବାଛିଲେ ସେଥିରେ ଭଲ କରିବେ ବୋଲି କହିଛନ୍ତି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଢେଙ୍କାନାଳ ଜିଲା କାମାକ୍ଷାନଗର ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ 'ଏକ୍ସଟ୍ରାଭାଗାଞ୍ଜା-୨୦୨୩' ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଶିକ୍ଷାନୁଷ୍ଠାନ ପରିସରରେ ରବିବାର ପୂର୍ବାହ୍ନରେ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସ୍କୁଲରେ ହେଉଥିବା ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାକୁ ବାଟ ଦେଖାଇବ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସରପଞ୍ଚ ସତ୍ୟଜିତ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଞ୍ଜିତ ସାହୁ, ସୁଶାନ୍ତ ସାହୁ, ତୃପ୍ତିରଞ୍ଜନ ସାହୁ, ମାନସୀ ସାହୁ, ଜୁଲିଆଞ୍ଜଳି ବନ୍‌ଲା, ଶ୍ରୀମା ପ୍ରିୟଦର୍ଶନୀ, ଆଦିତ୍ୟ ପ୍ରସାଦ ସାହୁ, ବିଶ୍ୱଜିତ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଗାନ୍ଧୀ ବିଚାରଧାରା ପ୍ରଚାର ପାଇଁ ଆହ୍ୱାନ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୯।୪**

**ଜିଲା ସର୍ବୋଦୟମଣ୍ଡଳ ବୈଠକ**

ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତ ସଭାଗୃହରେ ଢେଙ୍କାନାଳ ଜିଲା ସର୍ବୋଦୟମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ନୀତିଆଦର୍ଶ ଏବଂ ବିଚାରଧାରାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ଉପସ୍ଥିତ ଅତିଥିବୃନ୍ଦ ଆହ୍ୱାନ ଦେଇଛନ୍ତି।

ସର୍ବୋଦୟମଣ୍ଡଳ ଜିଲା ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟିର ଡ. ବିଶ୍ୱଜିତ୍ ରାୟ, ଗାନ୍ଧିବାଦୀ ବିନୋଦ ମହାନ୍ତି, ମାନସ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ ସଭାପତି ରାମଚନ୍ଦ୍ର ଶୁକ୍ଳା ଉପସ୍ଥିତ ଥିଲେ। ଜିଲା ଯୁଗ୍ମ ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ବୈଠକର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। 'ଗାନ୍ଧୀ ବିଚାର ମଞ୍ଚ' ମାଧ୍ୟମରେ ଗାନ୍ଧୀବାଦୀ ଆଦର୍ଶ ବାଣ୍ଟିବା, ନୂତନ ବର୍ଷ ପାଇଁ ସଦସ୍ୟତା ନବୀକରଣ, ଗାନ୍ଧୀ ଦର୍ଶନର ପ୍ରଚାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବରାଳ ତାଳଗୁଡ଼ ଡିଆରିରେ ସୃଷ୍ଟି ହେଉଥିବା ସମସ୍ୟା ଉପସ୍ଥାପନ କରିଥିଲେ। ସରପଞ୍ଚ ଅମିତ୍‌ଜ୍ୟୋତି ସ୍ୱାଇଁ, ସାମାଜିକ କର୍ମୀ ପତିତପାବନ ରାଉତ, ଶିଶିର ଶତପଥୀ, ପ୍ରଦ୍ୟୁମ୍ନ ପଣ୍ଡା, ଆଇନଜୀବୀ ବରେନ୍ଦ୍ର ଲେଙ୍କା, କବି ପ୍ରେମାନନ୍ଦ ରାଉତ, ଶିକ୍ଷାବିତ୍ ବୈକୁଣ୍ଠ ବିହାରୀ ସ୍ୱାଇ, ଶଙ୍କର୍ଷଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟରେ ଜିଲା ସମ୍ମିଳନୀ କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ଜିଲା ସମ୍ପାଦକ ଭାବେ ପଣ୍ଡିତ ବିପିନ ବିହାରୀ ଶତପଥୀ, ଜିଲା ଯୁଗ୍ମ ସମ୍ପାଦକ ଲଳିତ ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସରପଞ୍ଚ ଅମିତ ସ୍ୱାଇଁ, ପ୍ରଳୟ ଦାସ, ମାନସ ତ୍ରିପାଠୀଙ୍କ ନାମ ଗୃହୀତ ହୋଇଛି। ସରପଞ୍ଚ ସ୍ୱାଇଁଙ୍କୁ ଜିଲା ଯୁବ ଫୋରମ୍‌ର ଦାୟିତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

#### କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଚଢ଼ାଉ

**ସୋର,୯।୪(ଡି.ଏନ.ଏ.):** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ ୟୁନିଟ୍ -୨ ପକ୍ଷରୁ ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଜାମୁଝାଡ଼ି ଛକ ନିକଟରେ ଚଢ଼ାଉ କରାଯାଇ ଏକ ବାଇକ୍ ସହ ବିଦେଶୀମଦ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ସିମୁଳିଆ ଥାନା ପ୍ରତାପପୁର ଗ୍ରାମର ଗଜେନ୍ଦ୍ର ବାରିକ। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରଜତ ପ୍ରହରାଜଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରତାପଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜାମୁଝାଡ଼ିରୁ ବାସୁଦେବପୁର ଅଭିମୁଖେ ଆସୁଥିବା ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୨୦ ବୋତଲ ବିଦେଶୀମଦ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହି ଚଢ଼ାଉରେ ଏସ୍ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ,ଏଏସ୍ଆଇ ଆଲୋକ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଆକ୍ରମଣରେ ଯୁବକ ଗୁରୁତର

**ପାଟଣା, ୯।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ବ୍ରାହ୍ମଣୀ ଦେଓ ଗ୍ରାମର ପଡ଼ୋଶୀଙ୍କ ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ଅନନ୍ତ ନାଏକ(୧୮)। ଗ୍ରାମର କ୍ଷୀରୋଦ ନାଏକଙ୍କ ଘରେ ପଣ୍ଡାପଡ଼ା ଥାନା ଅଞ୍ଚଳର ତାଙ୍କ ସମ୍ପର୍କୀୟ ଯୁବତୀ ରହି ପାଠ ପଢୁଛନ୍ତି। ଉକ୍ତ ଯୁବତୀଙ୍କୁ ପ୍ରେମ କରୁଥିବା ଜନୈକ ଯୁବକଙ୍କୁ ଅନନ୍ତ ସହଯୋଗ କରୁଥିବା ସନ୍ଦେହରେ କ୍ଷୀରୋଦ ଶନିବାର ଘରେପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ପାଟଣା ଥାନାରେ (ନଂ.୬୦/୨୩)ଏକ ମାମଲା ରୁଜୁ ହୋଇଛି।

# ନୋଟାରୀଙ୍କ ସମସ୍ୟା ଆଲୋଚନା

**ଅନୁଗୋଳ ଅଫିସ,୯।୪**

ନିଖିଳ ଓଡ଼ିଶା ନୋଟାରୀ ମହାସଂଘର ୭ମ ଅଧିବେଶନ ସ୍ଥାନୀୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭାପତି ମହେନ୍ଦ୍ର କୁମାର ବସ୍ତିଆ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂ ଯୋଗଦେଇ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସୁଶାନ୍ତ ବେହେରା, ମୁକେଶ ପାଲ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଜିଲା ଓକିଲ ସଂଘ ସଭାପତି ଦିଲୀପ ସାହୁ, ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନୋଟାରୀଙ୍କ ବିଭିନ୍ନ ସମସ୍ୟା ଏବଂ ଦାବିସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ଦାବିପତ୍ର ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ନଳିନୀକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ନଟବର ପଣ୍ଡା ଧନ୍ୟବାଦ ଦେଇଥିଲେ।

୨ୟ ଅଧିବେଶନରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ମହେନ୍ଦ୍ର କୁମାର ବସ୍ତିଆ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅଖିଳ ରଥ, ସନ୍ତୋଷ ଭୂୟାଁ, ସାଧାରଣ ସମ୍ପାଦକ ନଳିନୀକାନ୍ତ ମିଶ୍ର ନିର୍ବାଚିତ ହୋଇଥିଲେ। ଜିଲାର ୩୦୦ରୁ ଊର୍ଦ୍ଧ୍ୱ ନୋଟାରୀ ଓକିଲ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

# ୨୮ରୁ ଜାତୀୟ ଟାଇବକ୍ସ ପ୍ରତିଯୋଗିତା

**ଅନୁଗୋଳ ଅଫିସ, ୯।୪**

ଅନୁଗୋଳ ସହର ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ଜାତୀୟ ଟାଇବକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସଭାପତି ବିଭୂତି ଭୂଷଣ ବେହେରା, ଉପସଭାପତି ଗଙ୍ଗାଧର ସାହୁ, ରାଜ୍ୟ ଉପସଭାପତି ଅନିଲ ରାଉଳ ଓ ରାଜ୍ୟ କୌଶଳ ପ୍ରଶିକ୍ଷକ ସୁଶାନ୍ତ ନାୟକ, ପରିଚାଳନା କମିଟି ପକ୍ଷରୁ ନିର୍ମଳ ଅଗ୍ରୱାଲ, ପର୍ଶୁରାମ ଦାଶ, ଜାତୀୟ ଖେଳାଳି ଯସ୍ମିନ ସାହୁ, ଶ୍ରଦ୍ଧା ସ୍ୱାଇଁ, ଶ୍ରଦ୍ଧା ସିଂ, ତପସ୍ୱିନୀ ପ୍ରଧାନ, ଚିତ୍ତରଞ୍ଜନ ମହନ୍ତ, ପ୍ରୀତମ ସାହୁ, ଲଳିତ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୨୨ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ୭୦ ଅଫିସିଆଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ସଫଳ କରାଇବା ଲାଗି ସହଯୋଗ କରିବାକୁ ଜାତୀୟ ସଭାପତି ବେହେରା ନିବେଦନ କରିଛନ୍ତି।



ବୈଠକରେ ଉପସ୍ଥିତ ଜାତୀୟ ସଭାପତିଙ୍କ ସମେତ ଅନ୍ୟମାନେ।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା,୯।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଗୁଣ୍ଡୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବ୍ରଜବନ୍ଧୁ ପରିଡ଼ା ଏବଂ କୃତ୍ତିବାସପୁର ଶାସ୍ତ୍ରିଜୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ଗୋପୀନାଥ ସ୍ୱାଇଁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଠାକୁରଗଡ଼ ସର୍କଲ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ପଦ୍ମନାଭ ରାଉତ, ରଜତ ପ୍ରଧାନ, ଚିଦାନନ୍ଦ ଦେହୁରୀ, ସୁଜନ ମାଝି, ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। କ୍ଲଷ୍ଟରର ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସେମାନଙ୍କ ନିରାମୟ ଜୀବନ କାମନା କରିଥିଲେ।

## ଭାଗବତ ପାରାୟଣ କାର୍ଯ୍ୟକ୍ରମ

**ତାଳଚେର, ୯।୪ (ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳ ୧ ନମ୍ବର ୱାର୍ଡ ଅନ୍ତର୍ଗତ ସାମନ୍ତ କ୍ୱାର୍ଟର୍ସ ପ୍ରାଙ୍ଗଣରେ ଏପ୍ରିଲ ୪ ତାରିଖରୁ ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ସନ୍ଧ୍ୟାରେ ସୁନାମଧନ୍ୟ ପ୍ରବଚକ ବ୍ୟାସ ପଣ୍ଡିତ ରାମକୃଷ୍ଣ ମିଶ୍ର ଓ ପ୍ରବକ୍ତା ସୁଶ୍ରୀ ଅଞ୍ଜନା ଦାସ, ତ୍ରିଲୋଚନ ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରବଚନ ପ୍ରଦାନ କରୁଛନ୍ତି। ପ୍ରଶାନ୍ତ କୁମାର ଦେବ, ପ୍ରଦୀପ କୁମାର ଦେବ, ସବ୍ୟସାଚୀ ଦେବ ପ୍ରମୁଖ ସହଯୋଗ କରୁଛନ୍ତି।

# ସିମେଣ୍ଟ ଖୁଣ୍ଟରେ ପିଟି ହୋଇ ଯୁବକ ମୃତ

**ଭାପୁର,୯।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଶିମିଳିପାଟଣା –କାକୁଡିଭାଗ ରାସ୍ତାରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ଭାପୁରର ପ୍ରାଣବନ୍ଧୁ ମହାପାତ୍ର (୩୫)। ପ୍ରାଣବନ୍ଧୁ ଶନିବାର ରାତିରେ ବାଇକ ଯୋଗେ ନିଜ ଘରକୁ ଫେରୁଥିବାବେଳେ ଏକ ସିମେଣ୍ଟ ଖୁଣ୍ଟରେ ପିଟି ହୋଇ ଯାଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଭାପୁର ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଦେବୋତ୍ତର ଜାଗାରୁ ଗଛକଟା ଅଭିଯୋଗ


ଜବତ କାଠ।

**ଢେଙ୍କାନାଳ ଅଫିସ,୯।୪**

ଢେଙ୍କାନାଳ ଜିଲା ଭୁବନ ତହସିଲ ମାଳପଡ଼ା ଗ୍ରାମରେ ଥିବା ଦେବୋତ୍ତର ବିଭାଗ ଜମିରୁ କାଠ ଚୋରମାନେ ମୂଲ୍ୟବାନ ଗଛ କାଟି ଦେଇଥିବା ଅଭିଯୋଗ ହୋଇଛି। କାଠ ଗଣ୍ଡିଗୁଡ଼ିକ ଜଙ୍ଗଲ ନିକଟରେ ଗଦା ହୋଇରହିଛି। ଏ ନେଇ ଅବଗତ କରାଯିବା ସତ୍ତ୍ୱେ ବିଭାଗୀୟ ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦେବୋତ୍ତର ବିଭାଗର ଉକ୍ତ ଜାଗା କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ନାମରେ ରହିଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମାଳପଡ଼ା ଗ୍ରାମରେ କପିଳାସ ପୀଠାଧୀଶ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ନାମରେ ୩୧୨ ଏକର ଜମି ରହିଥିବା ସୂଚନା ମିଳିଛି। ଏ ନେଇ ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, ଆମେ ଜାଣିବାରେ ଉକ୍ତ ଅଞ୍ଚଳରେ ଦେବୋତ୍ତର ବିଭାଗର କୌଣସି ଜାଗା ନାହିଁ। ଘଟଣା ସମ୍ପର୍କରେ ବୁଝିବା ପରେ କହିହେବ।

# ଧଣ୍ଡାତୋପାକୁ ହରାଇ କନ୍ତପଡ଼ା ଚାମ୍ପିୟନ



**ବଇଣ୍ଡା,୯।୪ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କୁତୁଲିସିଙ୍ଗା ଗ୍ରାମ ଖେଳପଡ଼ିଆଠାରେ ଚାଲିଥିବା କୁତୁଲିସିଙ୍ଗା କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଧଣ୍ଡାତୋପା କ୍ରିକେଟ କ୍ଲବକୁ ହରାଇ କନ୍ତପଡା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି କନ୍ତପଡା ସରପଞ୍ଚଙ୍କ ପ୍ରତିନିଧି ରୋହିତ ଗଡ଼ନାୟକ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ମଇମୁରା ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ ଯୋଗ ଦେଇଥିଲେ। ସିଦ୍ଧାନ୍ତ ନାୟକ, ସିଦ୍ଧାନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଧ୍ୟତାମୂଳକ ଖାତାନେବା ନିଷ୍ପତ୍ତିକୁ ବିରୋଧ

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ରବିବାର ଡିପିଏସ୍ ଅଭିଭାବକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷକୁ ସୁଚାରୁରୂପେ ସମ୍ପାଦନ କରିବା, ଆପୋସ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରିବା, ଏନ୍‌ସିଇଆର୍‌ଟି ବହି ପ୍ରଚଳନ ଆଦି ବିଷୟରେ ବିଚାରବିମର୍ଷ କରାଯାଇଥିଲା। ବହି ସହିତ ବାଧ୍ୟତାମୂଳକ ଭାବେ ଖାତା ଆଣିବା ଲାଗି ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ବିରୋଧ କରାଯାଇଛି। ଏହି ନିୟମ ଲାଗୁ ନ କରିବା ପାଇଁ ଅନୁରୋଧ କରାଯାଇଛି। ପ୍ରୀତିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରକାଶ ନାୟକ, ପ୍ରକାଶ ମହାନ୍ତି, ଶେଖର ସେଠୀ, ପ୍ରତାପ ସାହୁ, ଅଶ୍ୱିନୀ ପଟ୍ଟନାୟକ, ପ୍ରତାପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଭିଭାବକମାନେ।

# କନ୍‌ଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ

**ରୂପସା,୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଫାଣ୍ଡି ଅଞ୍ଚଳରେ ପାରିବାରିକ ଗଣ୍ଡଗୋଳ ସମାଧାନ କରିବାକୁ ଯାଇ ଜଣେ କନଷ୍ଟେବଲ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। କାଠ ଫାଳିଆ ମାଡ଼ରେ ତାଙ୍କ ମୁଣ୍ଡ ଫାଟିବା ସହ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ଦୁଇ ଭାଇଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାର୍ଥା ଗ୍ରାମର ବୈରାଗୀ ଦଳେଇ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ବୈରାଗୀ ତାଙ୍କ ସ୍ତ୍ରୀଙ୍କୁ ଏକ ଠେଙ୍ଗାରେ ନିସ୍ଥୁକ ପିଟିବା ପରେ ସେ ଜୀବନ ବଞ୍ଚାଇବା ପାଇଁ ସାର୍ଥା ଫାଣ୍ଡିକୁ ଦୌଡ଼ ଆସିଥିଲେ। ଘଟଣା ସମ୍ପର୍କରେ ବୁଝାଶୁଝା କରିବା ପାଇଁ ସଂଗେସଂଗେ କନଷ୍ଟେବଲ ଅଜୟ ସିଂ ଜଣେ ଗ୍ରାମରକ୍ଷୀଙ୍କ ସହ ବୈରାଗୀଙ୍କ ଘରକୁ ଯାଇଥିଲେ। ଆପୋଷ ସମାଧାନ ପାଇଁ କଥାବାର୍ତ୍ତା ହେଉଥିବା ବେଳେ ବୈରାଗୀ କନଷ୍ଟେବଲ ସିଂଙ୍କୁ ଆକ୍ରମଣ କରିଥିଲେ। ଏକ କାଠ ଫାଳିଆରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ସିଂଲା ଥାନାରେ ରବିବାର ଏକ ମାମଲା (ନଂ.୬୪/୨୩) ରୁଜୁ ହୋଇଛି। ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଦୁଇ ଭାଇ ବୈରାଗୀ ଦଳେଇ ଓ ବସନ୍ତ ଦଳେଇଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

# ଶିମିଳିପାଳ ଜଙ୍ଗଲରୁ ୨ ଶିକାରୀ ଗିରଫ

**ଠାକୁରମୁଣ୍ଡା,୯।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କେଶଡ଼ିହା ଫରେଷ୍ଟ ବିଟ ଅଧୀନ ଶିମିଳିପାଳ ଜଙ୍ଗଲରୁ ରବିବାର ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ଶିକାରୀମାନେ ହେଲେ ଠାକୁରମୁଣ୍ଡା ନିକଟ ଧନୁଆଁବାଲିପୋସି ଗ୍ରାମର ସନ୍ତୋଷ ମହାନ୍ତ ଓ ବେତଝରୀ ଗ୍ରାମର ଡମନ ହେମ୍ବ୍ରମ। ସେମାନଙ୍କର ନିକଟରୁ ଶିକାର ପାଇଁ ବ୍ୟବହୃତ ସାମଗ୍ରୀକୁ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, କେଶଡ଼ିହା ଫରେଷ୍ଟ ବିଟ୍ ଅନ୍ତର୍ଗତ ଶିମିଳିପାଳ ସଂଲଗ୍ନ ମିଟୁଆଣି ସଂରକ୍ଷିତ ଜଙ୍ଗଲ ଭିତରକୁ ଶିକାର ଉଦ୍ଦେଶ୍ୟରେ ୨ ଶିକାରୀ ଯାଉଥିଲେ। ଖବର ପାଇ କେଶଡ଼ିହା ଫରେଷ୍ଟର ସିଙ୍ଗରାୟ ପୂର୍ତ୍ତି, ତପନ ମହାନ୍ତ, ଫରେଷ୍ଟ ଗାର୍ଡ ମନୋଜ ବେହେରା, ଟିପିଏଫ କର୍ମୀମାନେ ପହଞ୍ଚି ଶିକାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଶିକାର ପାଇଁ ବ୍ୟବହୃତ ତାରରେ ତିଆରି ୨ ଫାସ, ଧନୁ ତୀର, କୁରାଢ଼ି, ଗୋଟିଏ ସାଇକେଲ ଜବତ କରି ଠାକୁରମୁଣ୍ଡା ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ତଳେ ପଶିଗଲା କାର୍, ୪ ଗୁରୁତର

**ଭଦ୍ରକ ଅଫିସ, ୯।୪**

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥରେ ଶନିବାର ରାତିରେ ଏକ କାର୍ ଟ୍ରକ୍ ତଳେ ପଶିଯିବାରୁ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କାର୍ ଡ୍ରାଇଭର ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଅନ୍ୟ ଗାଡ଼ିରେ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା। ଝାଡ଼ଖଣ୍ଡ ନମ୍ବର ଥିବା କାର୍ (ଜେଏଚ୍ ୧୦ ବିଜେଡ୍ ୪୬୦୫) ଓ ଏକ ଟ୍ରକ୍ ବାଲେଶ୍ୱର ଆଡ଼କୁ ଯାଉଥିଲେ। ଭଦ୍ରକ ରାଣୀତାଲ ନିକଟରେ କାର୍‌ଟି ଆଗରେ ଯାଉଥିବା ଟ୍ରକ୍ ତଳେ ପଶିଯାଇଥିଲା। ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକ୍ ତଳୁ କାର୍‌କୁ ବାହାର କରିବା ପରେ ଦୁଇ ଗାଡ଼ିକୁ ଜବତ କରିଛି।



# ଗଠନମୂଳକ କାର୍ଯ୍ୟ କରିବାକୁ ସଂକଳ୍ପ


ବୈଠକରେ ଉପସ୍ଥିତ ବିଚାର ବିଭାଗ ଅବସରପ୍ରାପ୍ତ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳସ୍ଥିତ ଶ୍ରୀ ବଳରାମଜୀଉଙ୍କ ପୀଠରେ ରବିବାର ଢେଙ୍କାନାଳ ଜିଲା ବିଚାର ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୃସିଂହ ଚରଣ ମହାପାତ୍ର, ସମ୍ପାଦକ କୁଳମଣି ନାୟକ, ଯୁଗଳ କିଶୋର ସାହୁ, ସୁଧାଂଶୁ ଶେଖର ନନ୍ଦ, ଛାୟାକାନ୍ତ ନାଥ, ଶରତ ଚନ୍ଦ୍ର ପଟ୍ଟନାୟକ, ଭଗବାନ ପଣ୍ଡା, ନନ୍ଦକିଶୋର ଦଳେଇ, କସ୍ତୁରୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଗଠନମୂଳକ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ସଂଘ ସଦସ୍ୟମାନେ ଚାକିରି ଜୀବନର ଅନୁଭୂତିର ସ୍ମୃତିଚାରଣ କରିଥିଲେ।

# ନବୋଦୟ ବିଦ୍ୟାଳୟରେ ସଫେଇ ଅଭିଯାନ


ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଏବଂ କଲେଜର କର୍ମଚାରୀମାନେ।

**ପରଜଙ୍ଗ, ୯।୪ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଜି-୨୦ ଜନଭାଗିଦାରି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୮୧ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଅର୍ଥନୀତି ଅଧାପକ ପଦ୍ମନାଭ ପାଢ଼ୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷାନୁଷ୍ଠାନ ଅଧକ୍ଷା ଡ. ପ୍ରତିମା ମିଶ୍ର ଯୋଗଦେଇ ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ସମୀର ସିଂ, ପଞ୍ଚାନନ ଜେନା ଶଶିକାନ୍ତ ପଟ୍ଟନାୟକ, ପ୍ରଶାନ୍ତ ବିଶ୍ୱାଳ, ସଞ୍ଜୟ ସ୍ୱାଇଁ, ରାମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ



କୋଶଳାଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଏବଂ କର୍ମକର୍ତ୍ତା।



ଶୁଶୁବାରେ ଅନୁଷ୍ଠିତ ବୈଠକରେ ବିଜେଡି କର୍ମୀ।

**ଛେଣ୍ଡିପଦା/କଣିହାଁ, ୯।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ଛେଣ୍ଡିପଦା ବ୍ଲକ କୋଶଳା କଲ୍ୟାଣ ମଣ୍ଡପରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଓ ଡିଜିଟାଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରରେ ଚାଲିଥିବା ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ବେହେରା ଉପସ୍ଥିତ ରହି ସଙ୍ଗଠନକୁ ସୁଦୃଢ଼ କରିବା ସହ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ବିଜେଡି ବ୍ଲକ ସଭାପତି ଶରତ ଗଡ଼ନାୟକ, ଉପଦେଷ୍ଟା ହରମୋହନ ସାହୁ, ବିଧାୟକଙ୍କ ପ୍ରତିନିଧି

**ବିଜେଡିର ସାଙ୍ଗଠନିକ ବୈଠକ**

ନାରାୟଣ ସାହୁ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ତାଲିମ ଦେଇଥିଲେ। ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ସଭାପତି ଆଶିଷ ପ୍ରଧାନ, ମହିଳା ସଭାନେତ୍ରୀ ତୃପ୍ତିମଞ୍ଜରୀ ଗଡ଼ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଛେଣ୍ଡିପଦା, ବଅଁରପାଳ ବ୍ଲକର ବିଭିନ୍ନ ଦଳୀୟ ସଙ୍ଗଠନର କର୍ମକର୍ତ୍ତା, ବ୍ଲକ ସଭାପତି ଓ ଡିଜିଟାଲ ସମ୍ପାଦକ ଉପସ୍ଥିତ ଥିଲେ।

ସେହିପରି କଣିହା ବ୍ଲକ ଶୁଶୁବା ପଞ୍ଚାୟତରେ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବ୍ଲକ ସମ୍ପାଦକ ହିମାଞ୍ଚଳ ପଣ୍ଡା, ଜିଲା ସମ୍ପାଦକ ଝସକେତନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଶ୍ମିତା ବେହେରା, ବୈରାଗୀ ସାମଲ ଯୋଗଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ପଞ୍ଚାୟତ ସଭାପତି ଭାବେ କୃପାସିନ୍ଧୁ ସାହୁ, ସମ୍ପାଦକ ଭାବେ ସ୍ୱପ୍ନେଶ୍ୱର ସାହୁ ନିର୍ବାଚିତ ହୋଇଛନ୍ତି। ଭାଜପା କର୍ମୀ ଅରକ୍ଷିତ ମହାନ୍ତି, ଦୋଳଗୋବିନ୍ଦ ସାହୁ, କଂଗ୍ରେସ କର୍ମୀ ରଷି ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ବୈଠକରେ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ବଦଳିବ ବାମୁର-ମାଧପୁର ରାସ୍ତା କଳେବର

**ବଇଣ୍ଡା, ୯।୪(ଡି.ଏନ.ଏ.)**

## ୩୫ କିମି ହେବ ପ୍ରଶସ୍ତୀକରଣ

ବଦଳିବ ଅନୁଗୋଳ ଜିଲା କିଶୋରନଗର ବ୍ଲକର ବାମୁର-ମାଧପୁର ପୂର୍ତ୍ତ ବିଭାଗ ରାସ୍ତାର କଳେବର। ୩୫ କିଲୋମିଟର ଦୀର୍ଘ ଉକ୍ତ ସଡ଼କର ପ୍ରଶସ୍ତୀକରଣ ହେବ। ଏଥିରେ ଖର୍ଚ୍ଚ ହେବ ୩୬ କୋଟି ଟଙ୍କା। ରବିବାର ବାମୁରଠାରେ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କାଳିନ୍ଦୀ ଚରଣ ପ୍ରଧାନ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁ, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ବିଲେଇନାଳୀ ସରପଞ୍ଚ ବବିତା ପ୍ରଧାନ, କଟରଙ୍ଗା ସରପଞ୍ଚ ମୋହିନୀ ପ୍ରଧାନ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ବିଜେଡି ନେତା ସୁନୀଲ ପ୍ରଧାନ, ଆନୁକୂଲ୍ୟ ବେହେରାଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ଉକ୍ତ ରାସ୍ତା ସମ୍ପ୍ରସାରଣ ହେଲେ କିଶୋରନଗର ଏବଂ ଆଠମଲ୍ଲିକ ବ୍ଲକବାସୀ ଉପକୃତ ହେବେ।



ରାସ୍ତା ପ୍ରଶସ୍ତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ଜୈବବିବିଧତା ନଥିପତ୍ରର ପ୍ରସ୍ତୁତି ଆରମ୍ଭ

**ଅନୁଗୋଳ ଅଫିସ, ୯।୪**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କଣଲୋଇ, ଶିମିଳିପାଳ, ବଅଁରପାଳ ବ୍ଲକର ଢୁବେ, ଆଠମଲ୍ଲିକ ବ୍ଲକର ସାପଘରା ଓ ମଇମୁରା ପଞ୍ଚାୟତରେ ଜନ ଜୈବବିବିଧତା ନଥିପତ୍ରର ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ଗବେଷକ ସୁଦୀପ କୁମାର ବେହେରା, ସୁଦୀପ୍ତା ସୋନାଲି ମହାପାତ୍ର, ସ୍ମୃତି ରଞ୍ଜିତା ମହାରଣା ଏବଂ ଜୀବନ କୁମାର ଜେନା ଏହି ନଥିପତ୍ର ପ୍ରସ୍ତୁତିରେ ବିଜ୍ଞାନ ସମ୍ମତ ଓ ବୈଷୟିକ ବିଷୟରେ ସହାୟତା ପ୍ରଦାନ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି (ନିୟୁଜ)ର ସୁବ୍ରତ କୁମାର ପ୍ରଧାନ, ଯଶୋବନ୍ତ ସାହୁ ଏବଂ ପ୍ରିୟବ୍ରତ ବେହେରା ଗ୍ରାମସ୍ତରରୁ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରିବାରେ ସହାୟତା ପ୍ରଦାନ ସହିତ ସହଯୋଗ କରିଥିଲେ। ବନ ବିଭାଗ ପକ୍ଷରୁ ସ୍ଥାନୀୟ ବନପାଳ ଦୀନବନ୍ଧୁ ନାୟକ, ସୁଶାନ୍ତ କୁମାର ନାଏକ, କମଳ ଲୋଚନ ପ୍ରଧାନ, ଦୀପକ ମହାନ୍ତି, ସୀତାରାଣୀ ବିଶ୍ୱାଳ, ଦୀପାଞ୍ଜଳି ଟପୋ, ଆଲୋକ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଜୈବ ବିବିଧତା ବୋର୍ଡର ଅଣୁଜୀବ ବିଜ୍ଞାନୀ ଡା. ସୁଭ୍ରାଂଶୁ ନାୟକ, ଜୀବ ବିଜ୍ଞାନୀ ଡା. ସୂର୍ଯ୍ୟରଞ୍ଜନ ନାୟକ, ଉଦ୍ଭିଦ ବିଜ୍ଞାନୀ ଡା. ପ୍ରସାଦ ଦାସ ଏବଂ ନିୟୁଜ ମୁଖ୍ୟ ପ୍ରସନ୍ନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ନଥିପତ୍ର ପ୍ରସ୍ତୁତି କରାଯାଉଛି। ଏହି ନଥିପତ୍ର ପ୍ରସ୍ତୁତି ପାଇଁ ୧ ବର୍ଷ ସମୟ ରହିଛି। ଏହି ଅବସରରେ ଚଳିତ ଗ୍ରୀଷ୍ମ ଋତୁରେ ପ୍ରଥମ କରି ଉକ୍ତ ପଞ୍ଚାୟତଗୁଡ଼ିକରେ ଥିବା ଗ୍ରାମ ପରିଦର୍ଶନ ସହିତ ସ୍ଥାନୀୟ ଅଞ୍ଚଳରେ ରହିଥିବା ପ୍ରାକୃତିକ ସମ୍ପତ୍ତିର ଆକଳନ ଓ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିସହ ଜଙ୍ଗଲରେ ଟ୍ରାଞ୍ଜାକ ୱାକ୍ କରାଯାଇ ଜୈବବିବିଧତାର ଆକଳନ କରାଯାଇଥିଲା। ଜଙ୍ଗଲ ଜୈବବିବିଧତା ସହିତ କୃଷି, ମତ୍ସ୍ୟ, ମୃତ୍ତିକା, ଗୃହପାଳିତ ପ୍ରାଣୀଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଜୈବବିବିଧତା ପରିଚାଳନା ସମିତିର ଲକ୍ଷ୍ମୀ ବେହେରା, ଜୟନ୍ତୀ ଗଡନାୟକ, ମୀନତି ବେହେରା, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।



ମା' ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ଲୋକ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'ବିହୁ'ରେ ଦର୍ଶକ ବିଭୋର

**ତାଳଚେର, ୯।୪(ନି.ପ୍ର.)**

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ପରିସରରେ ଚାଲିଥିବା ୧୯ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓଡ଼ିଶୀ ଏବଂ ବିହୁରେ ବିଭୋର ହୋଇଥିଲେ ଦର୍ଶକ। ମୁଖ୍ୟ ଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡର ବୈଷୟିକ ନିର୍ଦ୍ଦେଶକ ଯୁଗଳ କିଶୋର ବୋରା, ସମ୍ମାନିତ ଅତିଥି ତାଳଚେର ବ୍ଲକ ଅଧ୍ୟକ୍ଷ ହେମଲତା ମହାନ୍ତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ଅରୁଣ ପ୍ରଧାନ, ସଞ୍ଜୟ ସାହୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା 'ଓଡ଼ିଶୀ', କଟକର 'ବ୍ଲୁ ଆଣ୍ଡ୍ ବ୍ରାଇଟ୍' ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ବିହୁ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ତାଳଚେର 'ଅମୃତ ଅନୁଷ୍ଠାନ'ର କଳାକାରମାନେ ଚକୁଳିଆ ପଣ୍ଡା ଓ ଭବାନୀ କଳଚରାଲ ଗ୍ରୁପର କଳାକାରଙ୍କ ଦ୍ୱାରା ସର୍ଗିଫୁଲ, ରଙ୍ଗବତୀ ନୃତ୍ୟ କରତାଳି ସାଉଁଟିଥିଲା। ସାଉଥ୍‌ବଲଣ୍ଡାର ନୃତ୍ୟାନୁଷ୍ଠାନ 'ଶ୍ରୀଧାରା'ର କଳାକାରମାନେ ମହାଭାରତ ଆଧାରିତ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ସଞ୍ଜୀବ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ୮୬ ୟୁନିଟ୍ ରକ୍ତ ସଂଗ୍ରହ

**କଣିହାଁ, ୯।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ଦୀପତରଙ୍ଗ ନିକଟ କଲ୍ୟାଣମଣ୍ଡପରେ ସତ୍ୟସାଇ ସେବା ସମିତି ତରଫରୁ ରବିବାର ଗ୍ରୀଷ୍ମକାଳୀନ ଅମୃତ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ଆର୍‌ଇଡି ଅସୀମ ଗୋସ୍ୱାମୀ, ଇଡି କେ.ଏସ୍. ସୁନ୍ଦରମ୍, ଜିଏମ୍ ଏ.କେ. ସେହେଗଲ, ଆର୍.ଏନ. ଦାସ, ୱାଇ.ଏମ୍. ମୁରଲୀକ୍ରିଷ୍ଣା, ବି.କେ. ପାଣ୍ଡେ, ଜିଲା ସତ୍ୟସାଇ ସେବା ସମିତି ସଭାପତି ଦୁର୍ଗାପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ଗୋଲାପ ଦେଇ ଉତ୍ସାହିତ କରିଥିଲେ। ସତ୍ୟସାଇ ସେବା ସମିତିର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।



ଅତିଥିମାନେ ରକ୍ତଦାତାଙ୍କୁ ଗୋଲାପ ଦେଇ ଉତ୍ସାହିତ କରୁଛନ୍ତି।

# କୁଷ୍ଠାକ୍ରାନ୍ତଙ୍କ ସେବାକଲେ ପ୍ରବାସୀ ଓଡ଼ିଆ

**ଢେଙ୍କାନାଳ ଅଫିସ, ୯।୪**

ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ପୁଣେ ୟେୱାଲେୱାଡିସ୍ଥିତ ଲେପ୍ରସି ହସ୍ପିଟାଲରେ କୁଷ୍ଠାକ୍ରାନ୍ତଙ୍କ ସେବାରେ ସମୟ ବିତାଇଛନ୍ତି 'ସ୍ପ୍ରେଡ୍ ହାପିନେସ୍ ଫାଉଣ୍ଡେସନ'ର କର୍ମକର୍ତ୍ତା। ଏହି ଉପଲକ୍ଷେ ୨୦୦ କୁଷ୍ଠାକ୍ରାନ୍ତଙ୍କୁ ଭିଟାମିନ୍, ଫଳ, ବିସ୍କୁଟ ଏବଂ ଡ୍ରାଏଫ୍ରୁଟ୍ ବଣ୍ଟନ କରାଯାଇଥିଲା।

ସମାଜସେବା, ଜନକଲ୍ୟାଣମୂଳକ କାର୍ଯ୍ୟରେ 'ସ୍ପ୍ରେଡ୍ ହାପିନେସ ଫାଉଣ୍ଡେସନ' ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସାହିତ୍ୟ ଆସର, ପରିବେଶ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ମୁକାବିଲା, ସ୍ୱାସ୍ଥ୍ୟ ସଚେତନତା, ରକ୍ତଦାନ, ଜରାଶ୍ରମ, ଅନାଥ ଆଶ୍ରମରେ ଅନ୍ତେବାସୀଙ୍କ ସେବା କରି ପ୍ରଶଂସା ସାଉଁଟୁଛି ଏହି ସଙ୍ଗଠନ। ମହାରାଷ୍ଟ୍ରର ପୁଣେରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଭାରତର ବିଭିନ୍ନ ରାଜ୍ୟକୁ ସମ୍ପ୍ରସାରିତ ହୋଇଛି। ନିକଟରେ ସଙ୍ଗଠନ ପକ୍ଷରୁ ଶିଶୁଙ୍କ ଦକ୍ଷତା ବୃଦ୍ଧି, କୁଷ୍ଠାଶ୍ରମରେ କିଟ୍ ବଣ୍ଟନ, ବ୍ଲଡ୍ ଷ୍ଟେମ୍ ସେଲ୍ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଏଥିସହ ବର୍ଷକ ଭିତରେ ବହୁ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତଦେହକୁ ଭିଟାମାଟିରେ ପହଞ୍ଚାଇବାରେ ସଙ୍ଗଠନ ମୁଖ୍ୟ ଭୂମିକା ଗ୍ରହଣ କରିଛି।



କୁଷ୍ଠାଶ୍ରମରେ 'ସ୍ପ୍ରେଡ୍ ହାପିନେସ୍ ଫାଉଣ୍ଡେସନ'ର କର୍ମକର୍ତ୍ତା।

# ଶନିଶ୍ଚର ଦେବଙ୍କ ପୂଜା

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳ ଦୁର୍ଗାବଜାରସ୍ଥିତ ଶନିଶ୍ଚର ଦେବଙ୍କ ପୀଠରେ ବୈଶାଖ ପ୍ରଥମ ଶନିବାର ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ୩୦ରୁ ଊର୍ଦ୍ଧ୍ୱ ମହିଳା ସ୍ଥାନୀୟ ଗୋଡ଼ି ପୋଖରୀରେ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ବାହାରିଥିଲେ। ପରେ ନୀତିକାନ୍ତି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ କୁନି କର, କର୍ତ୍ତା ଯତୀନ ବେହେରା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମଞ୍ଜୁବାଳା ଦାସ, ସୁକାନ୍ତି ଦାସ, ପ୍ରଭାତୀ ସିଂ, ବିନୟ ବେହେରା, ସରୋଜ ବେହେରା, ଗୀତାଞ୍ଜଳି ସିଂ, ନରେନ୍ଦ୍ର ସାହୁ, ରଞ୍ଜିତା ସାହୁ, ଦୀପ୍ତିମୟୀ ସିଂ, ଅନସୂୟା ମାଝି, ଅମ୍ବିକା ପ୍ରଧାନ, ରୁନା ମହାନ୍ତି, ସୀମା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବୈଶାଖ ଶେଷ ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

# ଭାଗୀରଥି ସାଗରରେ ସଫେଇ

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଭାଗୀରଥି ସାଗର (ନୂଆ ପୋଖରୀ)ରେ ସ୍ଥାନୀୟ ରୋଟ୍ରାକ୍ଟ କ୍ଲବ ପକ୍ଷରୁ ରବିବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। ଜଳାଶୟ ପାର୍ଶ୍ୱରେ ଦୀର୍ଘଦିନ ଧରି ଜମି ରହିଥିବା ଆବର୍ଜନା, ପ୍ଲାଷ୍ଟିକ ବର୍ଜ୍ୟ, ପଲିଥିନ୍ ସଫା କରାଯାଇଛି। ପୋଖରୀରେ ଅଳିଆ ନ ପକାଇବା ପାଇ ଅଞ୍ଚଳବାସୀ ସଚେତନ କରାଇବା ଉଦ୍ଦେଶ୍ୟରେ ପୋଷ୍ଟର ଲଗାଯାଇଛି। ଢେଙ୍କାନାଳ ରୋଟାରି କ୍ଲବର ପୂର୍ବତନ ସଭାପତି ହର୍ଷବର୍ଦ୍ଧନ ସିଂଦେଓ, ରୋଟ୍ରାକ୍ଟ କ୍ଲବ ଦାୟିତ୍ୱରେ ଥିବା ଶ୍ରୀଧର ଇପିଲି, ଶିବ ପ୍ରସାଦ ସାଇଁ, ଅଭିଳାଷ ସାହୁ, ଅଭିଷେକ , ପ୍ରେମଜିତ୍, ଅମ୍ରିତା, ଅମିଶା, ଅବିନାଶ, ଚିନୁ, ଆଶୀର୍ବାଦ ଏବଂ ରଞ୍ଜନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସହରକୁ ସବୁଜ ସୁନ୍ଦର କରିବା ଲାଗି ଏଭଳି ଅଭିଯାନ ଜାରି ରହିବ ବୋଲି ରୋଟ୍ରାକ୍ଟ କ୍ଲବର ପୂର୍ବତନ ସମ୍ପାଦକ ଡା. ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭାଗୀରଥି ସାଗର ଢେଙ୍କାନାଳବାସୀଙ୍କ ଭାବାବେଗ ସହିତ ଜଡ଼ିତ। ସହରବାସୀ ଏହାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ତେବେ ସଚେତନତା ଅଭାବରୁ ଲୋକମାନେ ଜଳାଶୟ ନିକଟରେ ବର୍ଜ୍ୟବସ୍ତୁ ଫିଙ୍ଗୁଛନ୍ତି। ଫଳରେ ପାଣି ଏବଂ ଏହାର ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି। ଏଥିପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରୋଟ୍ରାକ୍ଟ କ୍ଲବ ପକ୍ଷରୁ ଏଭଳି ସଫେଇ ଅଭିଯାନ ହାତକୁ ନିଆଯାଇଛି।



ଢେଙ୍କାନାଳ ଦୁର୍ଗାବଜାରସ୍ଥିତ ଶନିଶ୍ଚର ଦେବଙ୍କ ପୀଠରେ ବୈଶାଖ ପ୍ରଥମ ଶନିବାର ଉପଲକ୍ଷେ ଅନୁଷ୍ଠିତ କଳସଯାତ୍ରାରେ ଶ୍ରଦ୍ଧାଳୁମାନେ।



ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଭାଗୀରଥି ସାଗର (ନୂଆ ପୋଖରୀ) ସଫେଇରେ ସାମିଲ ହୋଇଥିବା ରୋଟ୍ରାକ୍ଟ କ୍ଲବ୍ ସଦସ୍ୟମାନେ।

